रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ ସଂ. ଡି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

राजभाषा खण्ड
विधायी विभाग
विधायी II अनुभाग
डा० सं० 977/91
तारीख 1/5/91

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I
ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ଓ୍ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଲ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍-ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗ୍ରଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ୍ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍-ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ନାଦାବିକୃତ ଜମା ଅଧିନିୟମ, 1866

## 1866 ର ଅଧିନିୟମ ସଂ 25

**ଫୋର୍ଟ ଉଇଲିୟମ, ମାନ୍ଦ୍ରାଜ ଓ ବମ୍ବେର ଉଚ୍ଚ ନ୍ୟାୟାଳୟମାନଙ୍କରେ ଜମା ହୋଇଥିବା କେତେକ ପ୍ରତିଭୂତି ଓ ଧନକୁ ଭାରତ ସରକାରଙ୍କଠାକୁ ଅନ୍ତରଣ କରିବା ସକାଶେ ଏକ ଅଧିନିୟମ ।**

[11 ଜୁଲାଇ, 1866]

ଉଦ୍ଦେଶିକା

ଯେହେତୁ ଯଥାକ୍ରମେ ଫୋର୍ଟ ଉଇଲିୟମ, ମାନ୍ଦ୍ରାଜ ଓ ବମ୍ବେର ଉଚ୍ଚ ନ୍ୟାୟାଳୟମାନଙ୍କରେ ମକଦ୍ଦମା ଚାଲୁଥିବା ସମୟରେ, ଉକ୍ତ ନ୍ୟାୟାଳୟମାନଙ୍କରେ ବା କଲିକତା, ମାନ୍ଦ୍ରାଜ ଓ ବମ୍ବେର ପୂର୍ବତନ ଉଚ୍ଚତମ ନ୍ୟାୟାଳୟରେ ଯେଉଁ କେତେକ ପ୍ରତିଭୂତି ଓ ଧନରାଶି ଜମା ହୋଇଥିବ ଓ କୋଡ଼ିଏ ବର୍ଷ ବା ତହିଁରୁ ଅଧିକ କାଳାବଧି ଧରି ସେଥିପାଇଁ ସେହି ସମୟ ମଧ୍ୟରେ ଦାବି ନ ହୋଇ ଓ ମଞ୍ଜୁର ନହୋଇ ସେପରି ଜମା ଆକାରରେ ରହିଛି ବୋଲି ବର୍ତ୍ତମାନ ବା ଏଥିପରେ ଜଣା ପଡ଼ିବ ସେହି ପ୍ରତିଭୂତି ଓ ଧନରାଶିକୁ ସରକାରଙ୍କର ସାଧାରଣ ଉଦ୍ଦେଶ୍ୟପାଇଁ ଭାରତ ସରକାରଙ୍କୁ ଅନ୍ତରିତ କରିଯିବା ଓ ତାହାଙ୍କୁ ପ୍ରଦାନ କରିଯିବା ସମୀଚୀନ ଅଟେ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା !—

ଉଚ୍ଚ ନ୍ୟାୟାଳୟରେ ଜମା ଥିବା ଓ କୋଡ଼ିଏ ବର୍ଷଧରି ଦାବି କରା ହୋଇନଥିବା ଧନ ସରକାରଙ୍କୁ ଅନ୍ତରିତ ହେବ ।

**1.** ଉକ୍ତ ଉଚ୍ଚ ନ୍ୟାୟାଳୟମାନଙ୍କରେ କମ୍ବା ତନ୍ମଧ୍ୟରୁ ଯେକୌଣସି ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଚାଲୁଥିବା ସମୟରେ ଉକ୍ତ ନ୍ୟାୟାଳୟରେ ବା କଲିକତା, ମାନ୍ଦ୍ରାଜ ଓ ବମ୍ବେର ପୂର୍ବତନ ଉଚ୍ଚତମ ନ୍ୟାୟାଳୟରେ ଯେଉଁସବୁ ପ୍ରତିଭୂତି ଓ ଧନରାଶି ଜମା ହୋଇଥିବ ଓ କୋଡ଼ିଏ ବର୍ଷ ବା ତହିଁରୁ ଅଧିକ କାଳାବଧି ଧରି ସେହି ସମୟ ମଧ୍ୟରେ ସେଥିପାଇଁ ଦାବି କରାନଯାଇ ଓ ତାହା ମଞ୍ଜୁର ନହୋଇ ସେପରି ଜମା ଆକାରରେ ରହିଛି ବୋଲି ବର୍ତ୍ତମାନ ବା ଏଥିପରେ ଜଣା ପଡ଼ିବ ସେପରି ପ୍ରତିଭୂତି ଓ ଧନରାଶି ଯେଉଁ ରାଜ୍ୟରେ ଉକ୍ତ ନ୍ୟାୟାଳୟ ମୁଖ୍ୟତଃ ଅବସ୍ଥାପିତ ସେହି ରାଜ୍ୟର ସରକାରଙ୍କୁ ଅନ୍ତରିତ ହେବ ଓ ପ୍ରଦାନ କରାଯିବ ।

**2.** ନିରସିତ ।

ମକଦ୍ଦମା ବିଚାରାଧୀନ ଥିବାବେଳେ ଅନ୍ତରଣ ହେବ ନାହିଁ ।

**3.** ପୂର୍ବୋକ୍ତ କୌଣସି ପ୍ରତିଭୂତି, ଧନରାଶି ବା ଆଗମ ସମ୍ବନ୍ଧରେ ଦାଏର ହୋଇଥିବା ବା ଏଥିପରେ ହେବାକୁ ଥିବା କୌଣସି ମକଦ୍ଦମା ବିଚାରାଧୀନ ଥିବାବେଳେ ଏହି ଅଧିନିୟମର କୌଣସି ଅଂଶ ଉପରୋକ୍ତ କୌଣସି ପ୍ରତିଭୂତି, ଧନରାଶି ବା ଆଗମର କୌଣସି ଅନ୍ତରଣ ବା ପ୍ରଦାନ ପାଇଁ ପ୍ରାଧିକୃତ କରିବ ନାହିଁ ।

ପରେ ଦାବି ସାବ୍ୟସ୍ତ ହେଲେ ପରିଶୋଧ ।

**4.** ଏହି ଅଧିନିୟମର ଉପବନ୍ଧ ଅନୁସାରେ କୌଣସି ସରକାରଙ୍କୁ ଅନ୍ତରିତ ଓ ପ୍ରଦତ୍ତ ହେବାକୁ ଥିବା ପ୍ରତିଭୂତି, ଧନରାଶି ବା ଆଗମର କୌଣସି ଅଂଶ ବିଷୟରେ ଏଥିପରେ ଯଦି କୌଣସି ଦାବି ହୁଏ ଓ ଏହି ଅଧିନିୟମର ଧାରା 1 ଅନୁସାରେ ଅନ୍ତରିତ ଓ ପ୍ରଦତ୍ତ ପ୍ରତିଭୂତି ଓ ଧନ କ୍ଷେତ୍ରରେ, ଯେଉଁ ଉଚ୍ଚ ନ୍ୟାୟାଳୟଠାରୁ ତାହା ଅନ୍ତରିତ ହେବା କଥା ଯଦି ସେହି ଉଚ୍ଚ ନ୍ୟାୟାଳୟର ହୃଦ୍‌ବୋଧ ହେଲାଭଳି ସେପରି ଦାବି ସାବ୍ୟସ୍ତ ହୁଏ ତାହାହେଲେ, ସେହି ନ୍ୟାୟାଳୟର ମୁଖ୍ୟ ଆସନ ଯେଉଁ ରାଜ୍ୟରେ ଅବସ୍ଥିତ ସେହି ରାଜ୍ୟର ସରକାର, ଦାବିଦାରଙ୍କୁ ଉପରୋକ୍ତମତେ ଅନ୍ତରିତ ହୋଇଥିବା ଓ ପ୍ରଦାନ କରାଯାଇଥିବା ମୂଳଧନ ବା ତହିଁରୁ ଯେତିକି ପରିମାଣ ଦାବିଦାରଙ୍କର ପ୍ରାପ୍ୟ ବୋଲି ଜଣାପଡ଼ି ସେତିକି ପରିମାଣ ଦେବେ ।